**୨୪.୦୯.୨୦୨୫**

## ବିଦ୍ୟୁତ୍ ଆଘାତରେ ମୃତ୍ୟୁବରଣ କରିଥିବା ବ୍ୟକ୍ତି

**ଅଣତାରକା ପ୍ରଶ୍ନ ସଂଖ୍ୟା ୧୭୯୦. ଶ୍ରୀ ଅନନ୍ତ ନାରାୟଣ ଜେନା :** ଉପ ମୁଖ୍ୟମନ୍ତ୍ରୀ ଅନୁଗ୍ରହ କରି କହିବେ କି :-କେନ୍ଦ୍ର ସରକାରଙ୍କ ଅକ୍ଷୟ ଶକ୍ତି ପ୍ରଣୀତ କୁସୁମ-ଏ ଯୋଜନାରେ ଆମ ରାଜ୍ୟ ପାଇଁ ପୂର୍ବରୁ 500 ମେଗାୱାର୍ଟ ପ୍ରକଳ୍ପ ମଞ୍ଜୁର ହୋଇଥିବା ବେଳେ କେଉଁ କାରଣରୁ 40 ମେଗାୱାର୍ଟ କରାଗଲା, ରାଜ୍ୟ ପାଇଁ ଏହା ଯଥେଷ୍ଟ କିମ୍ବା ଅତିରିକ୍ତ ମେଗାୱାର୍ଟ ମଗାଯାଉଛି, 2024 ଜୁନ୍ ମାସଠାରୁ ଅଗଷ୍ଟ 2025 ମଧ୍ୟରେ କେଉଁଠାରେ ବିଦ୍ୟୁତ୍ ଆଘାତରେ କେତେଜଣ ମୃତ୍ୟୁ ବରଣ କରିଛନ୍ତି, ଏହି  ମୃତ୍ୟୁବରଣ କିଏ ଦାୟୀ, ସେମାନଙ୍କୁ ସହାୟତା ରାଶି ଦେବାର କି ବ୍ୟବସ୍ଥା ରହିଛି, 2023 ମସିହାରେ ଓରେଡା ୟୁନିଟ୍ ପିଛା ଟ. 3.33 ହାରରେ ବିଦ୍ୟୁତ୍ ଯୋଗାଇବାକୁ ନିବେଦନ କରିଥିବାବେଳେ ଟାଟା ପାୱାର ଏହି ଟାରିଫକୁ ବିରୋଧ କରିଥିଲା କିନ୍ତୁ ସ୍ୱୀକୃତି ପରେ ଟାଟା ପାୱାରକୁ କେଉଁ ଆଧାରରେ ଟ.4.40 ପଇସା ୟୁନିଟ୍ ପିଛା ଦରକୁ ଆୟୋଗ ମଞ୍ଜୁର କରିଥିଲେ ?

**ଉତ୍ତର**

**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଉପ ମୁଖ୍ୟମନ୍ତ୍ରୀ (ଶକ୍ତି) :-**

କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୀତ ପିଏମ କୁସୁମ -ଏ ଯୋଜନାରେ ପ୍ରଯୁଜ୍ୟ ସବଷ୍ଟେସନର injection capacity ଆଧାରରେ ପୂର୍ବରୁ ଓଡିଶା ପାଇଁ ୫୦୦ ମେଗାୱାଟ୍ ର ପ୍ରକଳ୍ପ ମଞ୍ଜୁର ହୋଇଥିଲା □  OERC ଦ୍ୱାରା ପ୍ରତି ୟୁନିଟ (kwh ) ପାଇଁ feed in tariff ୩ ୦୮.ଟଙ୍କା ନିର୍ଧାରିତ ହୋଇଥିଲା I ମାତ୍ର ଏହି tariff ରେ କୌଣସି agency କାମ କରିବା ପାଇଁ ଆଗ୍ରହ ପ୍ରକାଶ କରିନଥିଲେ □  ପରବର୍ତ୍ତୀ ସମୟରେ ଯୋଜନାର ଧୀର ଅଗ୍ରଗତିକୁ ତଥା ଯୋଜନା ସମୟ ସୀମା (ମାର୍ଚ୍ଚ ୨୦୨୬) କୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ପୂର୍ବରୁ ଧାର୍ଯ୍ୟ କରିଥିବା ୫୦୦ ମେଗାୱାଟ୍ ରୁ ୪୦ ମେଗାୱାଟ୍ କୁ ହ୍ରାସ କରି ଦେଇଥିଲେ ।  ୨୦୨୩ ମସିହାରେ ଶକ୍ତି ବିଭାଗ ତରଫରୁ TP-DISCOM କୁ କୁସୁମ-ଏ ଯୋଜନା ପାଇଁ state nodal agency ଘୋଷଣା କରାଗଲା I ୨୦୨୪ ମସିହାରେ OERC ଦ୍ୱାରା ପ୍ରତି ୟୁନିଟ

(kwh ) ପାଇଁ feed in tariff ୪ ୪୦.ଟଙ୍କା ନିର୍ଦ୍ଧାରିତ ହେଲା । ଅନୁମୋଦିତ କ୍ଷମତାର ପ୍ରକଳ୍ପ ନିମନ୍ତେ PPA ସ୍ୱାକ୍ଷରିତ  ହେବା ପରେ, କେନ୍ଦ୍ର ସରକାରଙ୍କ ଦ୍ୱାରା ଜାନୁୟାରୀ-୨୦୨୫ ରେ ଏହି ଯୋଜନାରେ ଅଧିକ ୫୦ ମେଗାୱାଟ୍ କ୍ଷମତାର ପ୍ରକଳ୍ପ ମଞ୍ଜୁର କରାଯାଇଅଛି । ଟାଟା ପାୱାର ଦ୍ୱାରା କୁସୁମ-ଏ ଯୋଜନା କୁ ନେଇ ପୂର୍ବରୁ କେବେହେଲେ କୌଣସି ବିରୋଧ କରାଯାଇନାହିଁ ।

TP-DISCOM ମାନଙ୍କଠାରୁ ପ୍ରାପ୍ତ ତଥ୍ୟ ଅନୁଯାୟୀ ୨୦୨୪ ଜୁନ୍ ମାସଠାରୁ ଅଗଷ୍ଟ ୨୦୨୫ ମଧ୍ୟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିମାନଙ୍କ ଡିସକମ ୱାରୀ ତଥ୍ୟ ପରିଶିଷ୍ଟ 'କ' ରେ ପ୍ରଦାନ କରାଯାଇଛି ।  ସେମାନଙ୍କୁ ସହାୟତା ରାଶି ଦେବାର ବ୍ୟବସ୍ଥା OERC (Compensation to Victims of Electrical Accidents) Regulations, 2020 ଅନୁସାରେ ନିୟନ୍ତ୍ରିତ ହୁଏ ।

**ପରିଶିଷ୍ଟ 'କ'**

**୨୦୨୪ ଜୁନ୍ ମାସଠାରୁ ଅଗଷ୍ଟ ୨୦୨୫ ମଧ୍ୟରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ବରଣ କରିଥିବା ବ୍ୟକ୍ତିମାନଙ୍କ ତଥ୍ୟ (ଡିସକମ ୱାରୀ)**

| Sl No. | DISCOMs | No. of Casualties |
|---|---|---|
| 1 | TPCODL | 49 |
| 2 | TPSODL | 07 |
| 3 | TPNODL | 27 |
| 4 | TPWODL | 27 |
| **TOTAL** | | **110** |